**ସଂକ୍ଷେପରେ**

## ୨ ବାଇକ୍ ମୁହାଁମୁହିଁ, ୩ ଗୁରୁତର

ଡାବୁଗାଁ,୧୮।୪(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଝାଲିଆଗୁଡ଼ା ଛକରେ ରବିବାର ରାତିରେ ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୋଡ଼ିଙ୍ଗା ଥାନା ଅଧୀନ ଡଙ୍ଗରା ଗ୍ରାମର ଭୁବନ ମାଳୀ(୪୫), ସୁବାସ ଚନ୍ଦ୍ର ମାଳୀ(୨୦) ଏବଂ ଅନ୍ୟ ଜଣେ ହେଲେ ଉମରକୋଟ ଥାନା ଅଧୀନ ପୁର୍ଲା ଛଟାଗୁଡ଼ା ଗ୍ରାମର ଲାଲୁ ବିଶ୍ୱାସ(୨୦)। ତିନି ଗୁରୁତରଙ୍କୁ ଉଦ୍ଧାର କରାଯାଇ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ, ଡାବୁଗାଁ-ଉମରକୋଟ ରାଜ୍ୟ ରାଜପଥ-୩୯ ରେ ଉମରକୋଟ ଦିଗରୁ ଆସୁଥିବା ଏକ ବାଇକ୍(ଓଡି ୨୪ ସି ୨୫୮୩) ଡଙ୍ଗରା ଦିଗକୁ ଯାଉଥିଲା। ଏହି ସମୟରେ ଝାଲିଆଗୁଡ଼ା ଛକଠାରେ ବିପରୀତ ଦିଗରୁ ଆସୁଥିବା ବାଇକ୍(ଓଡି ୨୪ ଡି ୯୩୪୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ଡାବୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତରଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଧରିତ୍ରୀ ପ୍ରତିନିଧିଙ୍କ ସ୍ତ୍ରୀ ବିୟୋଗ



ଚନ୍ଦ୍ରପୁର,୧୮।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଧରିତ୍ରୀ ପ୍ରତିନିଧି ବିଜୟ ପ୍ରସାଦ ଉଲାକାଙ୍କ ସ୍ତ୍ରୀ ତଥା ଶିକ୍ଷୟିତ୍ରୀ ଭଗବତୀ ପଣ୍ଡା(୫୨)ଙ୍କ ଶନିବାର ସକାଳେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିବାବେଳେ ଶନିବାର ଡାଙ୍ଗସୋରଡ଼ାସ୍ଥିତ ବାସଭବନରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳେ ସ୍ୱାମୀଙ୍କ ସମେତ ଶାଶୁ, ବଡ଼ଝିଅ ହାସିନା, ପୁଅ ହିମାଂଶୁ ଏବଂ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଥିବାରୁ ତାଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ମୁନିଗୁଡ଼ା ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ

ମୁନିଗୁଡ଼ା,୧୮।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ସ୍ଥାନୀୟ ସୁଭଦ୍ରା-ଉଦ୍ଧବ ଶୌଣ୍ଡିକ ମଙ୍ଗଳ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ୍ ସଭାପତି ରାଜୀବ ଲୋଚନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ୟୁଜେଏର ରାଜ୍ୟ ସମ୍ପାଦକ ବେଣୁଧର ପଣ୍ଡା, ମୁଖ୍ୟବକ୍ତା ରୂପେ ଡିଆଇପିଆର୍‌ଓ ବସନ୍ତ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଗୌରାଙ୍ଗ ଚରଣ ରାଉତ, ପ୍ରଭାକର ଶିରୋମଣି ଓ ମୁନିଗୁଡ଼ା ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ 'କରୋନା ଦୁଃସ୍ଥିତିରେ ଗଣମାଧ୍ୟମର ପ୍ରମୁଖ ଭୂମିକା' ବିଷୟରେ ଆଲୋଚନା ହୋଇଥିଲା। ସେହିପରି ପ୍ରେସ୍ କ୍ଲବ୍ ପକ୍ଷରୁ ସମାଜସେବା ପାଇଁ ୪ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା।

# ଜୟପୁର ସବ୍‌ଜେଲରେ ଚଢ଼ାଉ

ଜୟପୁର,୧୮।୪ (ନି.ପ୍ର. )

- ନିଶାଦ୍ରବ୍ୟ, ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ
- ଏପରି କାରବାରର ସମୀକ୍ଷା ହେବ: ଅଧୀକ୍ଷକ
- ଭୋର ୫ଟାରେ ଆରମ୍ଭ ହୋଇଥିଲା ଏହି ମିଶନ

ଜୟପୁର ସବ୍‌ଜେଲରେ ଆପରାଧିକ କାର୍ଯ୍ୟକଳାପ ଚାଲିଥିବା ଅଭିଯୋଗ ପାଇ ରବିବାର କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଚଢାଉ କରିଥିଲେ। ଏହି ସମୟରେ ଜେଲ ଭିତରୁ ମିଳିଥିବା ସାମଗ୍ରୀ ସମସ୍ତଙ୍କୁ ଚକିତ କରିଛି। ଏହା ମଧ୍ୟରେ ରହିଛି ନିଶାଦ୍ରବ୍ୟ, ଟଙ୍କା, ମୋବାଇଲ ଫୋନ ସହ ଅନ୍ୟାନ୍ୟ ସାମଗ୍ରୀ। ଜେଲ କଡ଼ା ସୁରକ୍ଷା ବଳୟ ଭେଦ କରି ଏହିସବୁ ସାମଗ୍ରୀ ଭିତରକୁ କିପରି ଆସୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏଥିରେ ଜେଲ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ ପ୍ରକାଶ ପାଇଛି।

ଖବରରୁ ଜଣାପଡିଛି ଅଭିଯୋଗ ମୁତାବକ ଏସ୍‌ପି ଗୁଣ୍ଟୁପାଲ୍ଲି ରବିବାର ଭୋର ୫ଟାରେ ଏହି ମିଶନ ଆରମ୍ଭ କରିଥିଲେ। ତାଙ୍କ ସହ ଉପଜିଲାପାଳ ହେମକାନ୍ତ ସାଏ, ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାଶ, ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ୨ଜଣ ଡିଏସ୍‌ପି, ୪ ଜଣ ଥାନା ଅଧିକାରୀ ଥିଲେ। ଏହି ଟିମ୍ ସକାଳ ସଢ଼େ ୭ଟା ଯାଏ ଜେଲ୍‌ର ୮ଟି ମେଲ ଓ ଗୋଟିଏ ଫିମେଲ ୱାର୍ଡରେ ଛାନ୍‌ଭିନ୍ ଚଳାଇଥିଲେ। ଏହି ସମୟରେ ନିଶାଦ୍ରବ୍ୟ ଷ୍ଟାମିନା ପାଉଡର, ନଗଦ ୧୮ ହଜାର ୨ଶହ ୬ ଟଙ୍କା, ଗୋଟିଏ ରେଡ ମି ମୋବାଇଲ ଫୋନ, ଓଟିଜି ପେନ୍ ଡ୍ରାଇଭ, ପ୍ରେସରକୁକର ଓ ଜିମ୍ ସାମଗ୍ରୀ ଜବତ ହୋଇଛି। ଗଞ୍ଜେଇ ଚୋରାଚାଲାଣ ମାମଲାରେ ସମ୍ପୃକ୍ତ ଥିବା ଜଣେ କଏଦୀଙ୍କଠାରୁ ପ୍ରେସରକୁକର ଓ ମୋବାଇଲ ଫୋନ ମିଳିଛି। ଅନ୍ୟପକ୍ଷରେ ଜବତ ପେନ୍ ଡ୍ରାଇଭ୍ ପ୍ରାର୍ଥନା ସମୟରେ ବ୍ୟବହାର ହେଉଥିବା ବେଳେ କଏଦୀମାନଙ୍କଠାରୁ ଶହେ, ଦୁଇଶହ ଲେଖାଏ ଟଙ୍କା ଜବତ ହୋଇଥିବା ସେଠାରେ ଉପସ୍ଥିତ ଥିବା ଅଧୀକ୍ଷକ ଲଲାଟେନ୍ଦୁ ଭୂଷଣ ଦାସ କହିଛନ୍ତି। ଏତେ ସୁରକ୍ଷା ସତ୍ତ୍ୱେ ଜେଲ ଭିତରକୁ କିପରି ଏସବୁ ସାମଗ୍ରୀ ଆସୁଛି ତା'ର ତଦନ୍ତ ହେବ ବୋଲି ଏସ୍‌ପି ଗୁଣ୍ଟୁପାଲ୍ଲି କହିଛନ୍ତି। ଅଧୀକ୍ଷକ ଦାସ କହିଛନ୍ତି ଯେ, କେଉଁ ପରିସ୍ଥିତିରେ ଏପରି କାରବାର ହୋଇଛି ତା'ର ସମୀକ୍ଷା କରାଯିବ। ଅନ୍ୟପକ୍ଷରେ ଉପଜିଲାପାଳ ସାଏ କହିଛନ୍ତି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।



ଜେଲରୁ ଜବତ ହୋଇଥିବା ସାମଗ୍ରୀ।

# ୨ ପୋଷାକ ବ୍ୟବସାୟୀଙ୍କ ନାମରେ ଶିକ୍ଷୟିତ୍ରୀଙ୍କ ଏତଲା

ଡାବୁଗାଁ,୧୮।୪(ଡି.ଏନ୍.ଏ.)

**ସ୍କୁଲପିଲାଙ୍କ ପୋଷାକ କିଣିବାକୁ ବାଧ କରିବା ଓ ମିଥ୍ୟା ଭିଡିଓ ଭାଇରାଲ ଅଭିଯୋଗ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇ. ସରୋଜିନୀ ଡାବୁଗାଁର ୨ ପୋଷାକ ବ୍ୟବସାୟୀଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ସ୍କୁଲ ଛାତ୍ରୀଛାତ୍ରଙ୍କ ନିମନ୍ତେ ଉକ୍ତ ଦୋକାନରୁ ପୋଷାକ ଏବଂ ଜୋତା ନେବା ପାଇଁ ବାଧ କରି ଧମକାଇବା ଏବଂ ମିଥ୍ୟା ଭିଡିଓ ଭାଇରାଲ କରିଥିବା ନେଇ ଶନିବାର ଡାବୁଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ନ. ୬୭/୨୧ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

ଏତଲାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲରେ କାର୍ଯ୍ୟରତ ଥିବା ସମୟରେ ୨ ପୋଷାକ ବ୍ୟବସାୟୀ (ଦୁଇ ଭାଇ) ସ୍କୁଲକୁ ଆସିଥିଲେ। ସ୍କୁଲପିଲାଙ୍କ ପାଇଁ ଉକ୍ତ ଦୋକାନରୁ ପୋଷାକ ଓ ଜୋତା ନେବାକୁ କହିଥିଲେ। ହେଲେ ଶିକ୍ଷୟିତ୍ରୀ ଜଣକ ଯେଉଁଠି ଭଲ ପୋଷାକ ମିଳିବ ସେଠାରୁ ଆଣିବେ ବୋଲି କହିଥିଲେ। ଏଥିରେ ଦୁଇ ଭାଇ ରାଗିଯାଇ ତୋତେ ଦେଖିଦେବୁ ବୋଲି ଧମକ ଦେଇ ଚାଲିଯାଇଥିଲେ। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପିଲାଙ୍କୁ ପୋଷାକ ପ୍ରଦାନ ନିମନ୍ତେ ସରକାରୀ ନର୍ଦ୍ଦେଶ ଆସିବା ଜଣାପଡ଼ିବା ପରେ ୨୦୨୧ ଫେବୃୟାରୀ ୧୨ରେ ଶିକ୍ଷୟିତ୍ରୀ ସ୍କୁଲରୁ ଘରକୁ ଫେରିବା ସମୟରେ ଜଙ୍ଗଲ ନିକଟରେ ଉକ୍ତ ପୋଷାକ ଦୋକାନର ଦୁଇ ଭାଇଙ୍କ ମଧ୍ୟରୁ ଜଣେ ବାଇକ୍ ରଖି ଧମକାଇଥିଲେ। ଆମ ଦୋକାନରୁ ପିଲାଙ୍କ ପାଇଁ ପୋଷାକ ନେବ କି ନାହିଁ ବୋଲି ଉଚ୍ଚସ୍ୱରରେ କହିଥିଲେ। ତେବେ କମିଟି ସହ ଆଲୋଚନା କରି ଜଣାଇବି ବୋଲି କହିବାରୁ ବ୍ୟବସାୟୀ ଜଣକ ପୁଣି ଧମକାଇଥିଲେ। ପରେ ସ୍କୁଲ ସଭାପତି ଓ କେତେଜଣ ସଭ୍ୟଙ୍କୁ ଟଙ୍କା ଲୋଭ ଦେଖାଇ ସେମାନଙ୍କ ହାତରେ ପୋଷାକ ଓ ଜୋତା ଦେଇ ସ୍କୁଲକୁ ପଠାଇଦେଲେ। ପୋଷାକ ବାବଦକୁ ଚେକ୍ ନିମନ୍ତେ ବ୍ୟବସାୟୀଙ୍କ ନିକଟରୁ ଫୋନ୍ ଆସିବାରୁ ସ୍କୁଲ ସଭାପତିଙ୍କ ହାତରେ ଚେକ୍ ପଠାଇଥିଲେ। ପରେ ଶିକ୍ଷୟିତ୍ରୀ ଜଣକ ନିଜ ପରିବାର ପାଇଁ ପୋଷାକ କିଣିବା ନିମନ୍ତେ ଉକ୍ତ ଦୋକାନକୁ ଯାଇଥିବାବେଳେ ଚେକ୍ ପାଇଲେ କି ବୋଲି ପଚାରିଥିଲେ। ଏଥିସହ ବାକିରେ ୧୫ ହଜାର ଟଙ୍କାର ପୋଷାକ ଦିଅ ବୋଲି ମାଗିଥିଲେ। ଏହି ସମୟରେ ଦୋକାନରେ ଥିବା ୩ଜଣ ବ୍ୟକ୍ତି ଭିଡିଓ ପ୍ରସ୍ତୁତ କରି ଭାଇରାଲ କରିଥିବା ଶିକ୍ଷୟିତ୍ରୀ ଜଣକ ଅଭିଯୋଗ କରିଛନ୍ତି। ଏହି ଭିଡିଓ ଯୋଗୁ ତାଙ୍କର ସମ୍ମାନରେ ଆଞ୍ଚ ଆସୁଛି। ଏମିତିକି ଜଙ୍ଗଲ ରାସ୍ତାଦେଇ ସ୍କୁଲକୁ ଯାଉଥିବାରୁ ଜୀବନ ପ୍ରତି ମଧ୍ୟ ବିପଦ ରହିଛି। ତେଣୁ ଥାନାର ଆଶ୍ରୟ ନେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି।

# କୋଭିଡ୍ ହସ୍ପିଟାଲରେ ପଡ଼ିରହିଲା ମୃତଦେହ

ରାୟଗଡ଼ା ଅଫିସ,୧୮।୪

**ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ**




ରାୟଗଡ଼ା ଜିଲା ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ହସ୍ପିଟାଲରେ ଅସ୍ଥାୟୀଭାବେ ନିୟୋଜିତ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳି ନ ଥିବାରୁ ସେମାନେ ରବିବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ କରୋନାରେ ମୃତ୍ୟୁ ଘଟିଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ମେଡିକାଲ ପରିସରରେ ଦୀର୍ଘ ସମୟ ଧରି ପଡ଼ି ରହିଥିଲା। ଶେଷରେ ପ୍ରଶାସନର ହସ୍ତକ୍ଷେପ ପରେ ପୌର କାର୍ଯ୍ୟାଳୟର କର୍ମଚାରୀ ମୃତଦେହ ଉଠାଇଥିଲେ।

ସୂଚନାଯୋଗ୍ୟ, ରାୟଗଡ଼ା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଜିଲାରେ ଉତ୍ତମ ଚିକିତ୍ସା ସୁବିଧା ନିମନ୍ତେ ୨୦୨୦ ଏପ୍ରିଲ୍‌ରେ ଜେକେପୁରଠାରେ କୋଭିଡ୍ ହସ୍ପିଟାଲ ଖୋଲିଥିଲା। ଏଠାରେ ନିୟୋଜିତ କରାଯାଇଥିବା ମେହନ୍ତର, ଆଟେଣ୍ଡାଣ୍ଟ ଓ ସୁରକ୍ଷାକର୍ମୀଙ୍କୁ ଦୈନିକ ୨୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ସେ ସମୟରେ ଘୋଷଣା ହୋଇଥିଲା। ସେହିପରି କରୋନା ମୃତକଙ୍କ ସତ୍କାର ନିମନ୍ତେ ମୃତଦେହ ପିଛା ୨ ହଜାର ଟଙ୍କା ଲେଖାଏ ପ୍ରଦାନ ନିମନ୍ତେ କୁହାଯାଇଥିଲା। ତେବେ କରୋନାର ପ୍ରଥମ ଲହର ଯାଇ ଦ୍ୱିତୀୟ ଲହର ଆରମ୍ଭ ହୋଇଥିଲେ ମଧ୍ୟ ଅନେକଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିନାହିଁ। ଏହାର ପ୍ରତିବାଦରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହାଦ୍ୱାରା ରୋଗୀସେବାରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଦୀର୍ଘ ସମୟ ଧରି ଜଣେ କରୋନା ଆକ୍ରାନ୍ତଙ୍କ ମୃତଦେହ ମେଡିକଲ ପରିସରରେ ପଡ଼ି ରହିବା ଯୋଗୁ ହସ୍ପିଟାଲର ଅନ୍ୟ ରୋଗୀ ଭୟଭୀତ ଅବସ୍ଥାରେ ରହିଥିଲେ। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ। ପରେ ପ୍ରଶାସନର ହସ୍ତକ୍ଷେପରେ ରାୟଗଡ଼ା ପୌର ପରିଷଦର କର୍ମଚାରୀ ପହଞ୍ଚି ମୃତଦେହ ଉଠାଇଥିଲେ। ଅନ୍ୟପକ୍ଷରେ ପ୍ରଶାସନିକ ଉଦାସୀନତା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ନେଇ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ବିଷୟରେ ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା ହୋଇଛି। ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ସେହିପରି ସୋମବାର ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା କହିଛନ୍ତି।

## ୨୪ ଘଣ୍ଟାରେ ୫୭ ସଂକ୍ରମିତ ଚିହ୍ନଟ

ରାୟଗଡ଼ା ଅଫିସ,୧୮।୪

ରାୟଗଡ଼ା ଜିଲାରେ ବ୍ୟାପୁଛି କରୋନା ସଂକ୍ରମଣ। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରୁ ୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ୩୪ ମହିଳା ଏବଂ ୨୩ ପୁରୁଷ ରହିଛନ୍ତି। ୫୭ ନୂତନ ସଂକ୍ରମିତଙ୍କ ମଧ୍ୟରେ ରାୟଗଡ଼ା ସହରାଞ୍ଚଳରୁ ସର୍ବାଧିକ ୨୪ ଜଣ, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୧, ବିଷମକଟକରୁ ୫, ଚନ୍ଦ୍ରପୁରରୁ ୧, ଗୁଡାରିରୁ ୧, ଗୁଣୁପୁର ସହରାଞ୍ଚଳରୁ ୧, କାଶୀପୁରରୁ ୨, ମୁନିଗୁଡ଼ାରୁ ୧୧ ଏବଂ ପଦ୍ମପୁରରୁ ୧ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୮୮୮୨ ରେ ପହଞ୍ଚିଛି। ସେଥିମଧ୍ୟରୁ ୨୮୭ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଅଛନ୍ତି।

## ସାମାଜିକ ଦୂରତା ମାନୁନାହାନ୍ତି ଲୋକେ

ଭଞ୍ଜନଗର,୧୮।୪(ଡି.ଏନ.ଏ)

ଭଞ୍ଜନଗର ଓ ବେଲଗୁଣ୍ଠା ଅଞ୍ଚଳରେ ଗତ ୨ ସପ୍ତାହ ମଧ୍ୟରେ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲାଣି। ସେମାନେ କେଉଁ ରୋଗରେ ଆକ୍ରାନ୍ତ ହୋଇଥିଲେ ତାହା ଜଣାପଡୁନାହିଁ। ଭଞ୍ଜନଗର ସହର ନିକଟରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁର ପ୍ରକୃତ କାରଣ ମଧ୍ୟ ଜଣାପଡୁନାହିଁ। ଏପଟେ ପ୍ରବାସୀ ଓଡ଼ିଆମାନେ ଘରକୁ ଫେରିଲେ ଠିକ୍ ଭାବେ ସଙ୍ଗରୋଧରେ ରହୁନାହାନ୍ତି। ସେହିପରି ଲୋକେ ଘରୁ ବାହାରକୁ ବାହାରିଲେ ସାମାଜିକ ଦୂରତ୍ୱ ରକ୍ଷା କରୁନାହାନ୍ତି। ଅଧିକାଂଶ ଠିକ୍ ଭାବେ ମାସ୍କ ପିନ୍ଧୁନାହାନ୍ତି। ତେଣୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସମ୍ଭାବନା ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଶୌଣ୍ଡିକ ସେବା ସଂଘର କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଯୋଗ ଦେଇଥିବା ସଂଘର ସଦସ୍ୟମାନେ।

ରାମନାଗୁଡ଼ା,୧୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ମା' ମଙ୍ଗଳା ଶୌଣ୍ଡିକ ସେବା ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ସ୍ଥାନୀୟ ଶକ୍ତି ଅନୁଷ୍ଠାନ ନିକଟ କାଜୁତୋଟାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ଗୋବିନ୍ଦ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ପୂର୍ବତନ ସଭାପତି ଜଗନ୍ନାଥ କଂସ ବେହେରାଙ୍କ ବିୟୋଗ ପରେ ରବିବାର ସଂଘ ନୂତନ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସଭାପତିଭାବେ ଗୋବିନ୍ଦ ସେନାପତି ମନୋନୀତ ହୋଇଥିବାବେଳେ ଉପସଭାପତି ରୂପେ ବାସୁଦେବ ପଣ୍ଟୁ, ସମ୍ପାଦକ ଧବଳେଶ୍ୱର ନୀଳଗିରି, କୋଷାଧ୍ୟକ୍ଷ ବିଶ୍ୱନାଥ ସେନାପତି, ସହ ସମ୍ପାଦକ ରଞ୍ଜିତ ନାୟକ ବେହେରା ଏବଂ କାର୍ଯ୍ୟକାରୀ ସଭାପତି ରୂପେ ହେମାରାଓ କଂସ ବେହେରାଙ୍କୁ ମନୋନୀତ କରାଯାଇଛି। ସେହିପରି ରାମନାଗୁଡ଼ା ବ୍ଲକ୍‌ର ୧୨ ପଞ୍ଚାୟତରେ ସଂଘର ସୁପରିଚାଳନା ନିମନ୍ତେ ୧୨ ଉପଦେଷ୍ଟାଙ୍କୁ ଚୟନ କରାଯାଇଛି। ଏହି ଉପଦେଷ୍ଟା କମିଟିରେ କୈଳାସ ଚନ୍ଦ୍ର ସାହୁକାର, ଯୋଗେନ୍ଦ୍ର ସାହୁକାର, ଏନ୍. ତାଣ୍ଡବ ରାଓ, ରାଜୀବ ତୂଳ, ପୂର୍ଣ୍ଣଚନ୍ଦ୍ର ନେମାଲପୁରୀ, ସୋମନାଥ ପୁରୁଷୋତ୍ତମ, ଶ୍ୟାମସୁନ୍ଦର ପୁରୁଷୋତ୍ତମ, ଜଗନ୍ନାଥ ନେମାଲପୁରୀ, ସଞ୍ଜୟ ତୂଳଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ କରୋନାରେ ମୃତ୍ୟୁ ଘଟିଥିବା ଲୋକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦୟ ଚନ୍ଦ୍ର ନେମାଲପୁରୀ ସଭା ପରିଚାଳନା କରିଥିବାବେଳେ ରଞ୍ଜିତ ନାୟକ ବେହେରା ଓ ରବି ସାହୁକାର ଏଥିରେ ସହଯୋଗ କରିଥିଲେ।

# କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି

ଭଞ୍ଜନଗର/ଆସିକା, ୧୮।୪(ଡି.ଏନ.ଏ)

କାଳବୈଶାଖୀ ପ୍ରଭାବରେ ଭଞ୍ଜନଗର ଅଞ୍ଚଳରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ବର୍ଷାପବନ ସହ କୁଆପଥର ବୃଷ୍ଟି ହୋଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶତାଧିକ ଘରର ଟିଣ ଓ ଚାଳ ଛପର ଉଡ଼ିଯାଇଛି। ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବାରୁ ବହୁ ସ୍ଥାନରେ ଗମନାଗମନ ବ୍ୟାହତ ହୋଇଥିଲା। ଗଛ ପଡ଼ି ବହୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ବିଦ୍ୟୁତ୍ ବିଭାଗ କର୍ମଚାରୀ ସନ୍ଧ୍ୟା ୭ଟା ବେଳକୁ ସହରର କିଛି ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇଛନ୍ତି। ଅନ୍ୟ ଅଞ୍ଚଳକୁ ରାତି ସୁଦ୍ଧା ବିଦ୍ୟୁତ୍ ଯୋଗାଣ ପାଇଁ ଚେଷ୍ଟା ଚଳାଇଛନ୍ତି। ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ନ ଥିବାରୁ ବିଏସ୍‌ଏନ୍‌ଏଲ୍‌ର କିଛି ମୋବାଇଲ ଟାୱାର ବନ୍ଦ ଥିଲା। ଫଳରେ ମୋବାଇଲ ଫୋନ ସେବା ବାଧାପ୍ରାପ୍ତ ହୋଇଥିଲା। ଘୂର୍ଣ୍ଣିଝଡ଼ରେ ଭଞ୍ଜନଗର ଏସ୍‌ଡିପିଓ ଅଫିସର ଆଜବେଷ୍ଟ ଛାତ ଉଡ଼ିଯିବାରୁ ଅପରାହ୍ନରୁ ଅଫିସ କାର୍ଯ୍ୟ ବନ୍ଦ ଅଛି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସେହିଭଳି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ବିଇଓ ଅଫିସ, ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟ ଏହି ତୋଫାନରେ ବିଶେଷ କ୍ଷତି ହୋଇଛି। ବର୍ଷା ଯୋଗୁ ଆମ୍ବ, କଦଳୀ ଓ କାଜୁ ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଲକ୍ଷ ଲକ୍ଷ ଟଙ୍କାର ଆମ୍ବ ଓ କାଜୁ ନଷ୍ଟ ହୋଇଯାଇଛି। ଯାହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ସେହିପରି ଆସିକା ଅଞ୍ଚଳରେ ମଧ୍ୟ ଅସରାଏ ବର୍ଷା ସହ କୁଆପଥର ବୃଷ୍ଟି ହୋଇଥିଲା।

## ହଷ୍ଟେଲ ଛାଡ଼ିଲେ ଛାତ୍ରୀଛାତ୍ର

ବ୍ରହ୍ମପୁର ଅଫିସ,୧୮।୩

କରୋନା ସଂକ୍ରମଣ ବଢୁଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର ହଷ୍ଟେଲ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଚିଠି ଆସିବା ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରାବାସ ଓ ଛାତ୍ରୀନିବାସର ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଛାଡ଼ିବା ପାଇଁ କୁହାଯାଇଛି। ରବିବାର ସୁଦ୍ଧା ପ୍ରାୟ ୭୦ ପ୍ରତିଶତ ଅନ୍ତେବାସୀ ହଷ୍ଟେଲ ଛାଡ଼ି ଘରକୁ ଫେରିଥିବା ଜଣାପଡ଼ିଛି। ଅନ୍ୟମାନେ ମେସ୍ ଓ ହଷ୍ଟେଲ କ୍ଲିଅରାନ୍ସ ପରେ ସୋମବାର ହଷ୍ଟେଲ ଛାଡ଼ିବେ ବୋଲି କହିଛନ୍ତି।

# ଖରାଦିନେ ଆଦିବାସୀଙ୍କୁ ରୋଜଗାର ଦେଉଛି କେନ୍ଦୁ

ଉମରକୋଟ,୧୮।୪(ସ୍ୱ.ପ୍ର.)

ଆଦିବାସୀଙ୍କ ଜୀବିକା ନିର୍ବାହରେ କେନ୍ଦୁ ପ୍ରମୁଖ ମାଧ୍ୟମ ହୋଇଛି। ବିଶେଷ କରି ଖରାଦିନରେ କେନ୍ଦୁ ଫଳ ଓ ପତ୍ର ଏମାନଙ୍କୁ ରୋଜଗାରର ସୁଯୋଗ ଦେଇଥାଏ। ଏହି ଦିନରେ ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳର ଆଦିବାସୀ ଲୋକେ ସପରିବାର ଜଙ୍ଗଲରୁ କେନ୍ଦୁ ସଂଗ୍ରହ କରି ହାଟ ଓ ବଜାରରେ ବିକ୍ରି କରିଥାନ୍ତି। କେନ୍ଦୁ ଫଳର ସ୍ୱାଦ ଯେମିତି ମନକୁ ଛୁଇଁଥାଏ, ବଜାରରେ ପତ୍ର ଦନାରେ ପଡ଼ିଥିବା ଭାଗ ମଧ୍ୟ ଦେଖିବାକୁ ମନଲୋଭା ହୋଇଥାଏ।

ସ୍ୱାଦ ବ୍ୟତୀତ କେନ୍ଦୁ ଫଳ ସ୍ୱାସ୍ଥ୍ୟକର ମଧ୍ୟ ହୋଇଥାଏ। ଏହା ଫାଇବର ଯୁକ୍ତ ହୋଇଥିବାବେଳେ ବିଭିନ୍ନ ରୋଗରେ ଏହାକୁ ଔଷଧଭାବେ ବ୍ୟବହାର କରାଯାଇଥାଏ। ଏଥିପ୍ରତି ଲୋକେ ସଚେତନ ହେଲେଣି। ତେଣୁ ଏହାର ଚାହିଦା ବଢ଼ିବା ସହ ଆଗଭଳି ଏହା ଆଉ ୨ଟଙ୍କା କିମ୍ବା ୫ଟଙ୍କାରେ ମିଳୁନାହିଁ। ବଜାରରେ ଏହି ଫଳ ଏବେ ୨୫ରୁ ୩୦ ଟଙ୍କାରେ ବିକ୍ରି ହେଉଛି। ତେଣୁ ଖରାଦିନର ଏହି ଫଳ ଆଦିବାସୀ ପରିବାରରେ କିଛି ମାସ ତେଲ ଲୁଣ ସଂସାର ଚଳାଇବାରେ ସାହାଯ୍ୟ କରିଥାଏ। ଏବେ ଜଙ୍ଗଲରେ କେନ୍ଦୁ ଗଛ ମଧ୍ୟ ଧୀରେ ଧୀରେ କମିବାରେ ଲାଗିଲାଣି। ଅସଚେତନ ଲୋକେ ଏହାର ମହତ୍ତ୍ୱ ନ ବୁଝି ଗଛଗୁଡ଼ିକୁ କାଟି ଦେଉଥିବାବେଳେ ବନ ବିଭାଗ ଏଥିପ୍ରତି ଦୃଷ୍ଟିଦେଲେ ଏହା ଆଦିବାସୀଙ୍କ ରୋଜଗାରରେ ଅଧିକ ସହାୟକ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।



ଆଦିବାସୀମାନେ ବଜାରରେ ଭାଗରେ ବିକୁଥିବା କେନ୍ଦୁ।

# ନବରଙ୍ଗପୁରରେ ଜୀବନ ଯାତ୍ରା ଠପ୍

ନବରଙ୍ଗପୁର,୧୮।୪(ବି.ପ୍ର.)

- ସପ୍ତାହାନ୍ତ ଶଟ୍‌ଡାଉନର ୨ୟ ଦିନ
- ଦିନକରେ ଅମାନିଆ ଗଣିଲେ ୨୦ ହଜାର ତଣ୍ଡ

ଛତିଶଗଡ଼ ସୀମାନ୍ତ ଜିଲାଗୁଡ଼ିକରେ ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହାକୁ ନେଇ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ କଟକଣାକୁ କଡ଼ାକଡ଼ି କରାଯାଇଛି। ଶନିବାର ଶଟ୍‌ଡାଉନର ପ୍ରଥମ ଦିନରେ ନବରଙ୍ଗପୁର ସହର ସମ୍ପୂର୍ଣ୍ଣ ଶୂନ୍ଶାନ ରହିଥିବାବେଳେ ରବିବାର ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ତଥାପି ରବିବାର କେତେଜଣ ଅମାନିଆ ନିୟମକୁ ଉଲ୍ଲଂଘନ କରିବା ଦେଖାଯାଇଥିଲା। ବିନା କାରଣରେ ବାହାରେ ବୁଲୁଥିବା ନଜରକୁ ଆସିଥିଲା। ସକାଳେ ନବରଙ୍ଗପୁର ତହସିଲଦାର ରବୀନ୍ଦ୍ର କୁମାର ରାଉତ, ଥାନାଧିକାରୀ ପ୍ରମିଳା ବିଡିକାଙ୍କ ସମେତ ତହସିଲ ଓ ଥାନା କର୍ମଚାରୀ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବାଇକ ଓ ୪ ଚକିଆ ଚାଳକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ତାଗିଦ କରାଯାଇଥିଲା। ତେବେ ବିଭିନ୍ନ ସାହି ଓ ଗଳିରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ସହରବାସୀ ଅନେକାଂଶରେ ନିୟମକୁ ମାନିଥିଲେ ମଧ୍ୟ ସହର ଦେଇ ଯାଇଥିବା ଜାତୀୟ ରାଜପଥରେ ବାହାର ଅଞ୍ଚଳର ଯାତ୍ରୀ ବାଇକ୍ ଓ କାର୍‌ରେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଦୋକାନ ବଜାର ଏବଂ ହୋଟେଲଗୁଡ଼ିକ ବନ୍ଦ ରହିଥିବାରୁ ବସ୍‌ରୁ ଓହ୍ଲାଇଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୂର ଅଞ୍ଚଳର ଯାତ୍ରୀ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ବସ୍ ମିଳି ନ ଥିଲା। ସେହିପରି ଛତିଶଗଡ଼ ସୀମାନ୍ତ ଚନ୍ଦାହାଣ୍ଡି ବ୍ଲକକୁ ରବିବାର ବ୍ଲକ ପ୍ରଶାସନ ପକ୍ଷରୁ ୫ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଥିବାବେଳେ ରାଇଘର ବ୍ଲକକୁ ମଧ୍ୟ ଶଟ୍‌ଡାଉନ କରିବା ନିମନ୍ତେ ଦାବି ହେଉଛି।



ତହସିଲଦାର ଓ ଅନ୍ୟ ଅଧିକାରୀମାନେ ଏକ କାର୍ ଯାଞ୍ଚ କରୁଛନ୍ତି।

# ଶଟ୍‌ଡାଉନ୍‌ର ଦ୍ୱିତୀୟ ଦିବସରେ ସହର ଶୂନ୍‌ଶାନ

**କୋରାପୁଟ/ମାଲକାନଗିରି, ୧୮।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ରବିବାର କୋରାପୁଟ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ୍‌ର ଥିଲା ଦ୍ୱିତୀୟ ଦିବସ। ଶନିବାର ପରି ରବିବାର ମଧ୍ୟ ସହର ଥିଲା ଶୂନ୍‌ଶାନ। ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇ ତଦାରଖ କରୁଥିଲେ। ସେହିପରି ଜରୁରୀ କାର୍ଯ୍ୟ ନ ଥାଇ ଘରୁ ବାହାରୁଥିବା ବ୍ୟକ୍ତିମାନଙ୍କ ଉପରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖିବାକୁ ମିଳିଥିଲା।



ଶଟ୍‌ଡାଉନ୍ ଯୋଗୁ କୋରାପୁଟ ଅମଲାଖୁଟିଆ ଛକରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ରବିବାର ବନ୍ଦ ରହିଛି।

ମାଲକାନଗିରି ଜିଲାରେ ମଧ୍ୟ ସପ୍ତାହାନ୍ତ ଶଟ୍‌ଡାଉନ୍‌ର ଦ୍ୱିତୀୟ ଦିବସରେ ଦୋକାନ ବଜାର ବନ୍ଦ ଥିବା ବେଳେ ରାସ୍ତାଘାଟ ଶୂନ୍‌ଶାନ ହୋଇପଡିଛି। କୌଣସି ଗାଡିମୋଟର ଚଳାଚଳ କରୁନାହିଁ। ଜିଲାର ବାଲିମେଳା ଓ କାଲିମେଳା ସହରରେ ମଧ୍ୟ ସମାନ ଅବସ୍ଥା ଜାରି ରହିଛି। ଜିଲା, ବ୍ଲକ ପ୍ରଶାସନ ଓ ପୋଲିସ ପ୍ରଶାସନ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରୁଛି। ଆବଶ୍ୟକ ସ୍ଥଳେ ଅମାନିଆଙ୍କଠାରୁ ଜରିମାନା ଆଦାୟ କରୁଥିବା ଦେଖିବାକୁ ମିଳୁଛି।

# ଚିତ୍ରକୋଣ୍ଡା:ବିକାଶ ନେଇ ଜିଲା ପ୍ରଶାସନ, ସରକାରଙ୍କୁ ଚିଠି ଲେଖିଲେ ଏମ୍‌ପି

**ଚିତ୍ରକୋଣ୍ଡା,୧୮।୪(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା, ସ୍ୱାଭିମାନ ଅଞ୍ଚଳ ଓ ଉପାନ୍ତ ଅଞ୍ଚଳର ବିକାଶ ପାଇଁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ସ୍ୱାଭିମାନ ଅଞ୍ଚଳ ଗସ୍ତ କରି ଫେରିବା ପରେ ଉକ୍ତ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାଭିମାନ ଅଞ୍ଚଳର ପଣସପୁଟ କିମ୍ବା ଯୋଡାମ୍ବଠାରେ ଏକ ଜାତୀୟସ୍ତରର ବ୍ୟାଙ୍କ ପ୍ରତିଷ୍ଠା ପାଇଁ ମାଲକାନଗିରି ଜିଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏଥିସହ ଚିତ୍ରକୋଣ୍ଡା ସହରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଚିତ୍ରକୋଣ୍ଡା ଡାକ୍ତରଖାନା ନିକଟରେ ଏକ ଆହାର କେନ୍ଦ୍ର ଖୋଲିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଚିତ୍ରକୋଣ୍ଡା ଅଞ୍ଚଳର ବିକାଶ ପାଇଁ ଏମ୍‌ପି ପୂର୍ବରୁ ଉପାନ୍ତ ଅଞ୍ଚଳ ନୂଆଗୁଡା, ଦୋରାଗୁଡା, ଗୁଣ୍ଡାୱାଡା, କପାଟୁଟି, କୁରୁମାନୁର ଓ ପାପୁଲୁର ପାଇଁ ମୋବାଇଲ ନେଟୱର୍କ ବ୍ୟବସ୍ଥା, ପଣଶପୁଟ ଏସ୍‌ଏସ୍‌ଡି ବିଦ୍ୟାଳୟକୁ ମହାବିଦ୍ୟାଳୟ ମାନ୍ୟତା, ପାନୀୟ ଜଳ ଏବଂ ଚାଷଜମିକୁ ଜଳସେଚନ ବ୍ୟବସ୍ଥା, ଚିତ୍ରକୋଣ୍ଡାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

## ସଂକ୍ଷେପରେ

### କୋରାପୁଟରୁ ପୁଣି ୩୯ ଚିହ୍ନଟ

କୋରାପୁଟ,୧୮।୪(ସ୍ୱ.ପ୍ର.)- ରବିବାର କୋରାପୁଟ ଜିଲାରୁ ପୁଣି ୩୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତେ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବା ଜଣାଯାଇଛି। ଜୟପୁର ପୌରାଞ୍ଚଳରୁ ୧୬ ଜଣ, କୋରାପୁଟ ପୌରାଞ୍ଚଳରୁ ୬, ସୁନାବେଡା ପୌରାଞ୍ଚଳରୁ ୭ ଓ କୋଟପାଡ ଏନ୍‌ଏସିରୁ ଜଣେ ଚିହ୍ନଟ ହୋଇଥିବାବେଳେ କୋରାପୁଟ ବ୍ଲକ ଅଞ୍ଚଳରୁ ୭, ଲକ୍ଷ୍ମୀପୁର ବ୍ଲକରୁ ଜଣେ, କୋଟପାଡ ବ୍ଲକରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### କରୋନାରେ ମୃତ ବ୍ୟକ୍ତିଙ୍କୁ ସତ୍କାର କଲା ପ୍ରଶାସନ

କୋରାପୁଟ,୧୮।୪(ସ୍ୱ.ପ୍ର.)-କରୋନା ଦ୍ୱିତୀୟ ଲହର ଯୋଗୁ ମୋରାପୁଟ ଜିଲାରେ ପଜିଟିଭଙ୍କ ସଂଖ୍ୟା ଉପରମୁହାଁ ହେବାରେ ଲାଗିଛି। ରବିବାର କୋରାପୁଟ ମେଡିକାଲ କଲେଜ ପରିସରରେ ଥିବା କୋଭିଡ ହସ୍‌ପିଟାଲରେ ମୃତ୍ୟୁବରଣ କରିଥିବା ନବରଙ୍ଗପୁର ଜିଲାର ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କୁ କୋରାପୁଟ ଶ୍ମଶାନରେ କୋଭିଡ ଗାଇଡଲାଇନ ଅନୁସାରେ ଜିଲା ପ୍ରଶାସନର କର୍ମଚାରୀମାନେ ସତ୍କାର କରିଥିବା ଏସଡିପିଓ ଗୁଣନିଧି ମଲ୍ଲିକ କହିଛନ୍ତି। ସୂଚନାଯୋଗ୍ୟ, ଗତ ୫ ଦିନ ମଧ୍ୟରେ କୋରାପୁଟ ମେଡିକାଲରେ ମୃତ୍ୟୁବରଣ କରିଥିବା ୫ ଜଣଙ୍କୁ କୋଭିଡ ଗାଇଡଲାଇନରେ ସତ୍କାର କରାଯାଇଥିବା ବେସରକାରୀ ଭାବେ ଜଣାପଡିଛି।

### ଅମାନିଆଙ୍କଠାରୁ ଜରିମାନା ଆଦାୟ

ସୁନାବେଡା/ ସେମିଳିଗୁଡା,୧୮।୪(ସ୍ୱ.ପ୍ର.) ମହାମାରୀ କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ସୁନାବେଡା ପୌର ପରିଷଦ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସୁନାବେଡା ଓ ସେମିଳିଗୁଡା ସହରାଞ୍ଚଳରେ ନାଇଟ କର୍ଫ୍ୟୁ ଓ ସପ୍ତାହନ୍ତ ଶଟ୍‌ଡାଉନ ବଳବତ୍ତର ରହିଛି। ଏହାସତ୍ତ୍ୱେ କେତେକ ଅମାନିଆ ସରକାରଙ୍କ କୋଭିଡ ନିୟମକୁ ବେଖାତିର କରି ଖୋଲା ଖୋଲି ବୁଲୁଛନ୍ତି। ସେମିଳିଗୁଡା ଟ୍ରାଫିକ ଛକଠାରେ ସେହିପରି କେତେକ ଅମାନିଆଙ୍କୁ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଉପସ୍ଥିତିରେ ଜରିମାନା କରାଯାଇଛି। ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ନେତୃତ୍ୱ ଚାଲିଥିବା ଧରପଗଡରେ ୧୭ ଜଣ ଅମାନିଆ ଧରାପଡି ଜରିମାନା ଗଣିଛନ୍ତି। ୮ ହଜାର ୫୦୦ ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ପୌର ପରିଷଦର ନୋଡାଲ ଅଫିସର ଚିତ୍ତରଞ୍ଜନ ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ୪ ଗିରଫ

ରାଇକିଆ,୧୮।୪(ଡି.ଏନ.ଏ.)- ରାଇକିଆ ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ରବିବାର ୪ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦାରିଙ୍ଗିବାଡ଼ି ଥାନା ଅନ୍ତର୍ଗତ କୁପିବାଡିର ଜନକ ନାୟକ, ଗ୍ରୀନବାଡିର ସାଗର ମଲିକ, ମହାଗଣ୍ଡାର ଗୌରବ ସାହାଣୀ, ସୁଗଡବଡିର ମଳୟ ନାୟକ। ଦାରିଙ୍ଗବାଡ଼ିରୁ ଭୁବନେଶ୍ୱର ବସ୍ ଯୋଗେ ଗଞ୍ଜେଇ ଚାଲାଣ ପାଇଁ ଲେଙ୍ଗୁମାହାଠାରେ ଅଭିଯୁକ୍ତମାନେ ବସ୍‌କୁ ଅପେକ୍ଷା କରିଥିଲେ। ଖବର ପାଇ ରାଇକିଆ ଥାନାଧିକାରୀ ତରୁଣ ତପନ ବେହେରା ପହଞ୍ଚି ଲେଙ୍ଗୁମାହା ଛକରୁ ୩୦ କେଜି ଗଞ୍ଜେଇ ଜବତ କରିଥିଲେ।

# ଭଲିବଲରେ ଗାଦିଆଗୁଡା, ଫୁଟବଲରେ ଜୋନ-୨ ବିଜୟୀ

**ଦଶମନ୍ତପୁର, ୧୮।୪। ( ଡି.ଏନ.ଏ. )**

**ଦଶମନ୍ତପୁରରେ ବ୍ଲକସ୍ତରୀୟ କେପିଏଲ୍**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରବିବାର କୋରାପୁଟ ପ୍ରିମିୟମ ଲିଗ୍ (କେପିଏଲ୍)ଅନୁଷ୍ଠିତ ହୋଇଛି। ଦଳର ଜିଲା ଉପସଭାପତି ନାରାୟଣ ବିଶୋୟୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଯୋଗଦେଇ ଉଦ୍‌ଘାଟନ କରିଥିଲେ। କେପିଏଲ୍ ମାଧ୍ୟମରେ ହିଁ ଖେଳାଳିଙ୍କୁ ଲୋକଲୋଚନ୍‌କୁ ଆଣି ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ବୋଲି ମୁଖ୍ୟଅତିଥି ବିଧାୟକ ଜାନି ପ୍ରକାଶ କରିଥିଲେ। କୋଭିଡ୍ ନିୟମ ଅନୁସାରେ ହୋଇଥିବା କେପିଏଲ୍‌ର ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଜୋନ-୧ର ବେଡାପଦର ଓ ଗାଦିଆଗୁଡା ଏବଂ ଜେନା-୨ର ଗିର୍ଲିଗୁମ୍ମାଓ ଦୁଆରଶୁଣି ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ଶେଷରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗାଦିଆଗୁଡା ଓ ବେଡାପଦର ମଧ୍ୟରେ ହୋଇଥିଲା। ଏଥିରେ ଗାଦିଆଗୁଡା ବିଜୟୀ ହୋଇଥିଲା। ଭଲିବଲ ପରେ ଜୋନ-୧ ଓ ଜୋନ-୨ ଦଳ ମଧ୍ୟରେ ହୋଇଥିବା ଫୁଟବଲ୍ ମ୍ୟାଚରେ ଜୋନ-୨ ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ କୋରାପୁଟ ବିଧାୟକ ରଘୁରାମ ପଡାଲ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ରୂପେ ଥାନା ସେକେଣ୍ଡ ଅଫିସର ନିର୍ମଳା ଲିମା, ରମାକାନ୍ତ ଦଳାଇ, ପ୍ରତାପ ଚନ୍ଦ୍ର ଖୋସଲା, ଜିଲା ପରିଷଦ ସଭ୍ୟ କହ୍ନେଇ ଜାନି, ଅନନ୍ତ ଖରା, ବିଜେଡି ବ୍ଲକ ସମ୍ପାଦକ ସୁରେଶ ସୁବୁଦ୍ଧି, ଭାସ୍କର ମହାନନ୍ଦିଆ, ରାଜେନ୍ଦ୍ର ହୁଇକା, ପଦ୍ମନାଭ ଜାନୀ ଉପସ୍ଥିତ ଥିଲେ।



ଅତିଥିମାନେ ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ମହାନଗରରେ ରାତ୍ରି କର୍ଫ୍ୟୁ, ୫ ସ୍ଥାନରେ ଚେକ୍ ପୋଷ୍ଟ

**ବ୍ରହ୍ମପୁର ଅଫିସ,୧୮।୪**

ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ମାମଲା ବୃଦ୍ଧିକୁ ପ୍ରତିହତ କରିବା ପାଇଁ ସମସ୍ତ ସହରାଞ୍ଚଳରେ ରାତ୍ରି କର୍ଫ୍ୟୁ ଲାଗୁ କରାଯାଇଛି। ବ୍ରହ୍ମପୁର ମହାନଗରରେ ଶନିବାର ରାତିରୁ ଆରମ୍ଭ ହୋଇଛି ରାତ୍ରି କର୍ଫ୍ୟୁ । ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହୁଛି। ବିଭିନ୍ନ ଥାନା ଇଲାକାରେ ପୋଲିସ ଚେକିଂ କରାଯାଉଛି। ସେହିପରି ରବିବାରଠାରୁ ସହରର ବିଭିନ୍ନ ପ୍ରବେଶ ପଥରେ ଚେକ୍ ପୋଷ୍ଟ କରାଯାଇଛି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ଜରୁରୀ ସେବାରେ ନିୟୋଜିତ ଲୋକଙ୍କୁ ବାଦ ଦେଇ ଅନ୍ୟ ଯେଉଁମାନେ ରାତ୍ରି କର୍ଫ୍ୟୁ ସମୟରେ ବାହାରକୁ ବାହାରୁଛନ୍ତି ସେମାନଙ୍କ ବିରୋଧରେ ପୋଲିସ କଡା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ସେ ଚେତାଇ ଦେଇଛନ୍ତି। ସହରର ପ୍ରମୁଖ ଛକ ଗୁଡିକରେ ବ୍ୟାପକ ପୋଲିସ ମୁତୟନ ରହିବେ। ଖୋଡାସିଙ୍ଗି, ଲାଞ୍ଜିପଲ୍ଲୀ, ଅନ୍ଧପସରା, ଫାଷ୍ଟଗେଟ ଓ ଲୋଚାପଡା ଆଦି ପ୍ରବେଶ ପଥରେ ଅସ୍ଥାୟୀ ଚେକ ପୋଷ୍ଟ କରାଯାଇଛି। ପ୍ରତ୍ୟେକ ଚେକ ପୋଷ୍ଟରେ ଜଣେ ଏଏସ୍‌ଆଇ କିମ୍ବା ଏସ୍‌ଆଇଙ୍କ ସମେତ ୩ ଜଣ କନଷ୍ଟେବଳ ଓ ଜଣେ ହୋମଗାର୍ଡ ରହିବେ ବୋଲି ଏସ୍‌ଡିପିଓ ପତି ସୂଚନା ଦେଇଛନ୍ତି। ରାତ୍ରି କର୍ଫ୍ୟୁ ବେଳେ କେବଳ ସରକାରୀ କର୍ମଚାରୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ମେଡିକାଲ କର୍ମଚାରୀ, ଅଗ୍ନିଶମ, ପୋଲିସ, ପୌର ପ୍ରଶାସନ, ଖାଦ୍ୟ ହୋମ ଡେଲିଭରି କରୁଥିବା ସଂସ୍ଥାର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯାତାୟତ କରିପାରିବେ ବୋଲି ନିର୍ଦ୍ଦେଶ ରହିଛି।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

**ମାଲକାନଗିରି,୧୮।୪(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଟେକ୍‌ଗୁଡା ଗ୍ରାମସ୍ଥିତ ନିଳାଚଳ ସେବା ଆଶ୍ରମରେ ରବିବାର କୋରୁକୋଣ୍ଡା ଅଗ୍ନିଶମ ବାହନୀ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ କରିଛନ୍ତି। କିଭଳି ରୂପେ ଅଗ୍ନିକାଣ୍ଡ ଘଟିଲେ ନିଆଁକୁ ଆୟତ କରାଯାଇପାରିବ, ଧନ ଜୀବନ ସୁରକ୍ଷିତ ରଖାଯାଇ ପାରିବ ସେ ସମ୍ପର୍କରେ କର୍ମଚାରୀମାନେ ମକ୍ ଡ୍ରିଲରେ ପ୍ରଦର୍ଶନ କରିଥିଲେ। ଯେଉଁଠି ମଧ୍ୟ ହେଉ ନିଆଁ ଲାଗିଲେ ତୁରନ୍ତ ଦମକଳ ବାହିନୀକୁ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୋରୁକୋଣ୍ଡା ଅଗ୍ନିଶମ କାର୍ଯ୍ୟାଳୟର ମୁଖ୍ୟ ଅଗ୍ନିକ କୃଷ୍ଣଚନ୍ଦ୍ର ଶବର, ମୌସୁମ୍ ଡାକୁଆ, ଅଜିତ୍ ଶବର, ଶେଷଦେବ ମାଝି, ପୁରନ ଭତ୍ରା, ଉମା ଶଙ୍କର ନାୟକ, ବିଭିଷଣ କଅଁର ପ୍ରମୁଖ ଉପସ୍ଥିତ ସାମିଲ ହୋଇଥିଲେ। ସେବାଶ୍ରମର ପରିଚାଳକ ରୀନା ସାହୁ ଓ ନିଳମଣି ପ୍ରଧାନ ସହଯୋଗ କରିଥିଲେ।



ଅଗ୍ନିଶମ କର୍ମଚାରୀ କୌଶଳ ପ୍ରଦର୍ଶନ କରୁଛନ୍ତି।

# ସ୍ତ୍ରୀ ଥାଇ ପ୍ରେମ କରିବା ମହଙ୍ଗା ପଡ଼ିଲା

**ସେମିଳିଗୁଡା,୧୮।୪(ସ୍ୱ.ପ୍ର.)**

- ବିଷପିଇଲେ ପ୍ରେମୀ ଯୁଗଳ
- ପ୍ରେମିକ ମୃତ, ପ୍ରେମିକା ଗୁରୁତର

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ରେଙ୍ଗା ପଞ୍ଚାୟତର କୁମାରକାନି ଗ୍ରାମରେ ଜଣେ ଯୁବକଙ୍କ ସ୍ତ୍ରୀ ଥାଇ ସେ ପୁଣି ଜଣେ ଯୁବତୀଙ୍କୁ ଭଲପାଇବା ମହଙ୍ଗା ପଡିଛି। ଜାତି ଲୋକଙ୍କ ବିରୋଧ ପରେ ଯୁବକ ଓ ସମ୍ପୃକ୍ତା ଯୁବତୀ ଉଭୟେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏଥିରେ ଯୁବକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଯୁବତୀ ଜଣକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ଲଇଚନ ପାଙ୍ଗି। ସେ ଗାଡି ଡ୍ରାଇଭର ରୂପେ କାମ କରୁଥିଲେ। ଲଇଚନ ବିଷ ପିଇଥିବା ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ କୁନ୍ଦୁଲି ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପଟାଙ୍ଗି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। କେସ୍ ନଂ. ୧୧/୨୧ରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ କୈବଲ୍ୟ ସେଠ କହିଛନ୍ତି।

# ଗ୍ରାମବାସୀଙ୍କ ବିରୋଧ ଜାରି ହେତୁ ଅଙ୍ଗନୱାଡିକର୍ମୀ ଦେଲେ ଇସ୍ତଫା

**ମାଲକାନଗିରି,୧୮।୪(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତର ନିଳାକାମ୍ବେରୁ-ଏ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ପଦବୀ ପୂରଣରେ ଅନିୟମିତତା କରାଯାଇ ଜଣକୁ କେନ୍ଦ୍ରର କର୍ମୀ ରୂପେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଗ୍ରାମବାସୀ ଏହାକୁ ବିରୋଧ କରି ଏହାର ପ୍ରତିବାଦରେ କେନ୍ଦ୍ରରେ ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ଦିନ ହେଲା ତାଲା ପକାଇ ରଖିଥିଲେ। ଫଳରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ଉପରେ ନିର୍ଭର କରୁଥିବା ଗର୍ଭବତୀ ମା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ମିଳିବାରେ ସମସ୍ୟା ହୋଇଥିଲା। ଏନେଇ ଖବର ପ୍ରକାଶ ପରେ ଗତ ୭ରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ସୌଦାମିନୀ ପ୍ରଧାନ, କୋରୁକୋଣ୍ଡା ସିଡ଼ିପିଓ ନିଳିମାରାଣୀ ମଣ୍ଡଳ ଗ୍ରାମରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଅଙ୍ଗନବାଡି କେନ୍ଦ୍ରରୁ ତାଲା ଖୋଲିବାକୁ କହିଥିଲେ ମଧ୍ୟ ଗ୍ରାମବାସୀ ଶୁଣି ନ ଥିଲେ। ସିଡିପିଓ ମଣ୍ଡଳ ଏହି ନିଯୁକ୍ତିରେ ଲାଞ୍ଚ ନେଇ ଯୋଗ୍ୟ ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦେଇ ନ ଥିବା ରୋକଠୋକ ଅଭିଯୋଗ କରିଥିଲେ। ଅଙ୍ଗନୱାଡି କର୍ମୀ ରୂପେ ନିଯୁକ୍ତି ପାଇଥିବା ପ୍ରାର୍ଥିନୀ ୮ରେ ଇସ୍ତଫା ଦେଇଥିଲେ। ସେ କେଉଁ କାରଣରୁ ଇସ୍ତଫା ଦେଇଛନ୍ତି ଜଣାପଡି ନ ଥିଲେ ମଧ୍ୟ ତାଙ୍କ ଇସ୍ତଫା ପତ୍ର ବିଳମ୍ବରେ ଗ୍ରହଣ କରାଯାଇଥିବା ଆଲୋଚନା ହେଉଛି। ଜିଲା ପ୍ରଶାସନ ଏହାର ତଦନ୍ତ କରି ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବର୍ଷା ହେଲେ ମୁଖ୍ୟ ଛକ ଅବସ୍ଥା ଶୋଚନୀୟ

**ଏମ୍‌ଭି-୭୯,୧୮।୪(ଡି.ଏନ.ଏ)**

ସାମାନ୍ୟ ବର୍ଷାରେ କାଲିମେଳା ବ୍ଲକର ଏମଭି-୭୯ର ମୁଖ୍ୟ ଛକ ଅବସ୍ଥା ବେହାଲ ହୋଇପଡୁଛି। ଶନିବାର ସନ୍ଧ୍ୟାରେ ହୋଇଥିବା ବର୍ଷାରେ ସ୍ଥାନୀୟ ଦୁର୍ଗା ମନ୍ଦିର ପରିସର ଏବଂ ରାସ୍ତା କଡରେ ବର୍ଷା ପାଣିରେ ଭାସିଆସି କୁଢକୁଢ ଅଳିଆ ଆବର୍ଜନା ଜମା ହୋଇଯାଇଥିଲା। ଛକ ବାସିନ୍ଦା ଏକାଠି ହୋଇଏହି ଅଳିଆ ସଫା କରିଥିଲେ। ଏମ୍‌ଭି-୭୯ ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗିରହିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମଭି୭୯ ଅଞ୍ଚଳରେ ପୋଟେରୁ କେନାଲ ଡିଭିଜନ ଅଫିସ, ଥାନା, କଲେଜ ସହ ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ କେନ୍ଦ୍ର, ସାପ୍ତାହିକ ହାଟ ରହିଛି। ପ୍ରଶାସନିକ ଅଧିକାରୀମାନେ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି।



ବର୍ଷାରେ ରାସ୍ତା ଉପରକୁ ଭାସି ଆସିଥିବା ଅଳିଆ ଆବର୍ଜନା।

# ମାସ୍କ ଯାଞ୍ଚ, ଜରିମାନା ଆଦାୟ

**ବାଲିଗୁଡ଼ା,୧୮।୪(ଡି.ଏନ.ଏ.)**

ବାଲିଗୁଡ଼ା ଏନ୍‌ଏସିର ପାତ୍ର ସାହି ଓ ଟ୍ରେଜେରୀ କଲୋନୀରୁ ପଜିଟିଭ ଚିହ୍ନଟ ପରେ ସମ୍ପୃକ୍ତ ଅଞ୍ଚଳକୁ ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛି। କନ୍ଧମାଳ ଜିଲାରେ ରାତ୍ରି କାଳୀନ କର୍ଫ୍ୟୁର ଦ୍ୱିତୀୟ ଦିନରେ ସହରରେ ମାସ୍କ ଚେକିଂ ଓ ସାମାଜିକ ଦୂରତାକୁ କଡ଼ାକଡ଼ି କରାଯିବା ସହ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ଦେଖିବାକୁ ମିଳିଛି।

# ରାଙ୍ଗିଣିଗୁଡ଼ାବାସୀଙ୍କ ଭରସା ଚୁଆପାଣି

**କୋରାପୁଟ,୧୮।୪(ସ୍ୱ.ପ୍ର.)**

- ଗ୍ରାମରେ ନାହିଁ ନଳକୂପ
- ସମସ୍ୟା ଶୁଣୁନାହାନ୍ତି ବିଡିଓ
- ଆଗକୁ ଗ୍ରାମବାସୀଙ୍କ ଜଳକଷ୍ଟ ଦୂର ହେବ

କୋରାପୁଟ ଜିଲାର ନନ୍ଦପୁର ବ୍ଲକ ନନ୍ଦକା ପଞ୍ଚାୟତର ରାଙ୍ଗିଣିଗୁଡା ଗ୍ରାମରେ ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି। ପାନୀୟ ଜଳ ପାଇଁ ଗ୍ରାମ ଉପକଣ୍ଠରେ ଥିବା ଚୁଆପାଣି ହିଁ ଏବେ ସେମାନଙ୍କ ଏକମାତ୍ର ଭରସା ପାଲଟିଛି। ଏହି ଚୁଆରୁ ପାଣି ସଂଗ୍ରହ କରି ସେମାନେ ବ୍ୟବହାର କରୁଛନ୍ତି। ଚୁଆପାଣି ମଧ୍ୟ ଗୋଳିଆ ହୋଇ ଅନେକ ସମୟରେ ବ୍ୟବହାର ଉପଯୋଗୀ ହେଉନାହିଁ। ଏହି ଗ୍ରାମରେ ନଳକୂପ ନାହିଁ। ନଳକୂପଟିଏ ବସାଇବାକୁ ବହୁବାର ଗ୍ରାମବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇ ନୀରବ ରହିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ପୂର୍ବରୁ ନନ୍ଦପୁର ବ୍ଲକ ବିଡିଓ ଦାୟିତ୍ୱରେ ଥିବା ଜିଲା ପଞ୍ଚାୟତ ଅଧିକାରୀ ସୁଦେଶ ପଟ୍ଟନାୟକଙ୍କୁ ଭେଟି ମଧ୍ୟ ଗ୍ରାମବାସୀ ସେମାନଙ୍କ ଜଳ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ତେବେ ଏଯାଏ କୌଣସି ଅଧିକାରୀ କିଛି ପଦକ୍ଷେପ ନେଇନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଜିଲା ପଞ୍ଚାୟତ ଅଧିକାରୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଉକ୍ତ ଗ୍ରାମକୁ ପୂର୍ବରୁ ରାସ୍ତା ନ ଥିବାରୁ ବଡ ଗାଡି ଯିବା ସମ୍ଭବ ହେଉ ନ ଥିଲା । ଏବେ ରାସ୍ତା ଠିକ ହୋଇଯାଇଥିବାରୁ ଏଣିକି ଗାଡି ଯିବ। ସୋମବାର ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀମାନେ ଗ୍ରାମକୁ ଯାଇ ପାନୀୟ ଜଳ ସମସ୍ୟା ସମାଧାନ କରିବେ ବୋଲି ସେ କହିଛନ୍ତି।



ମହିଳାମାନେ ଚୁଆରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

# ଶଟ୍‌ଡାଉନ ନେଇ ଚିନ୍ତାରେ ଶ୍ରମିକ, ବ୍ୟବସାୟୀ

**ମାଲକାନଗିରି,୧୮।୪(ଡି.ଏନ.ଏ.)**

- ଗରମ ଯୋଗୁ ନଷ୍ଟ ହୋଇଯାଉଛି ପନିପରିବା
- ପରିବାର ଚଳାଇବା ଚିନ୍ତାରେ ଶ୍ରମିକ
- ସୋମବାର ବଜାରରେ ଭିଡ ପ୍ରତି ନଜର ରଖୁ ପ୍ରଶାସନ

ମାଲକାନଗିରି ଜିଲାରେ ରବିବାର ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କରୋନା ପଜିଟିଭ୍ ବୃଦ୍ଧି ପାଇବା ଏବଂ ଏହାକୁ ନେଇ ସପ୍ତାହର ୨ ଦିନ ଶଟଡାଉନ୍ ହେବା ନେଇ ଶ୍ରମିକ ଓ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଶ୍ରମିକମାନେ ଘରେ ୨ ଦିନ ବସି ରହୁଥିବାରୁ ସେମାନଙ୍କ ପରିବାର ଚଳାଇବା ଲାଗି ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷରେ ବ୍ୟବସାୟୀମାନେ ଶୁକ୍ରବାର ପନିପରିବା ବିକ୍ରି ପରେ ଅବଶିଷ୍ଟ ପରିବା ଘୋଡାଇ ରଖିଛନ୍ତି। ଏହି ପରିବା ଗରମ ଯୋଗୁ ନଷ୍ଟ ହୋଇଯାଉଥିବା ବ୍ୟବସାୟୀ ଜୟଲାଲ ବାଘ, ବାବୁଲା ଦଳେଇ, ମହେଶ୍ୱର ପ୍ରଧାନ, ଅନ୍ତ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର କୋଭିଡ୍ ସଂକ୍ରମର ବୃଦ୍ଧି ପାଉଥିବାରୁ ସୀମାନ୍ତ ୧୦ଟି ଜିଲାରେ ୧୭ ତାରିଖରୁ ସନ୍ଧ୍ୟା ୬ରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି କରିଛନ୍ତି। ଏଥିସହ ସପ୍ତାହର ଶନିବାର ଓ ରବିବାର ଦୁଇଦିନ ସାପ୍ତାହନ୍ତ ଶଟଡାଉନ ଘୋଷଣା କରିଛନ୍ତି। ସୋମବାର ଦୋକାନ ବଜାରର ଖୋଲିଲେ ପ୍ରବଳ ଜନଗହଳି ହେବାରେ ସମ୍ଭାବନା ରହିଛି। ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।



ବଜାରରେ ବ୍ୟବସାୟୀମାନେ ଶଟ୍‌ଡାଉନ୍ ଯୋଗୁ ସାଇତି ରଖିଥିବା ପରିବା ।

# ଶଟଡାଉନକୁ ଅବମାନନା କରି ୩ ଦୋକାନ ସିଲ୍

**ମାଲକାନଗିରି,୧୮।୪(ଡି.ଏନ.ଏ.)**

ମାଲକାନଗିରି ଜିଲାରେ ଶନିବାର ଓ ରବିବାର ଶଟଡାଉନ ଜାରି ରହିଥିବା ବେଳେ ରବିବାର ଏହାକୁ ଅବମାନନା କରି ଜିଲାର ୩ଟି ସ୍ଥାନରେ ଦୋକାନ ଖୋଲିଥିବାରୁ ସମ୍ପୃକ୍ତ ଦୋକାନଗୁଡିକୁ ପ୍ରଶାସନ ସିଲ୍ କରିଛି। ମାଲକାନଗିରି ସହରରେ ତହସଲ କାର୍ଯ୍ୟାଳୟକୁ ଲାଗି ରହିଥିବା ଗୋଟିଏ ଫାଷ୍ଟଫୁଡ୍ ଦୋକାନ ଖୋଲିଥିଲା। ଏହା ଜିଲା ପ୍ରଶାସନ ନଜରକୁ ଆସିବାରୁ ତୁରନ୍ତ ଏହାକୁ ସିଲ୍ କରାଯାଇଥିଲା। ସେହିପରି କୋରୁକୋଣ୍ଡା ସଦର ବ୍ଲକର ଗୋଟିଏ ହାଡ୍‌ୱେର୍ ଓ ଫାଷ୍ଟଫୁଡ୍ ଦୋକାନ ଖୋଲାଯାଇଥିବା ଜାଣିବା ପରେ ପ୍ରଶାସନ ଏହି ୨ ଦୋକାନକୁ ସିଲ୍ କରିଛି।

